*No.TS/4/2020-Title (RNI)*
**Office of Registrar of Newspapers for India**
(M/o Information & Broadcasting)
9th Floor, Soochna Bhawan, CGO Complex,
Lodhi Road, New Delhi-110003.

Dated 08/09/2020

# NOTICE TO PUBLISHERS

**Subject: Title Verification Guidelines reg.**

The Title verification guidelines as amended on 08.09.2020 by the competent authority is attached. Following may kindly be noted:

(i) The amended guidelines will be effective from today (i.e. 08.09.2020), except for (ii) below

(ii) The *Clause 16(a)* of the guidelines shall be effective from 01st January 2021 or, if notified otherwise

(iii) The guidelines are now made available in Urdu, Gujarati, Marathi, Bengali, Odia, Assamese, Kannada, Telugu, Malayalam and Tamil languages, in addition to Hindi and English.

(Joyce Philip)
Asst. Press Registrar

ସଂଖ୍ୟା: TS/4/2020- Title (RNI)
ଭାରତ ସରକାର
ଭାରତର ସମ୍ବାଦପତ୍ର ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ
(ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ)
ନବମ ମହଲା, ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ,
ଲୋଧୀ ରୋଡ଼, ନୂଆଦିଲ୍ଲୀ – 110003

*********

ତାରିଖ: 04 ସେପ୍ଟେମ୍ବର, 2020

# ସମ୍ବାଦପତ୍ର ଟାଇଟଲ ଯାଞ୍ଚ ପାଇଁ ନିର୍ଦ୍ଦେଶାବଳୀ

(1) ପ୍ରେସ୍ ଏବଂ ପୁସ୍ତକ ପଞ୍ଜୀକରଣ ଅଧିନିୟମ ୧୮୬୭ ଅଧୀନରେ ନିର୍ଦ୍ଦିଷ୍ଟ ସମୟାବଧିରେ ହେଉଥିବା ଜନସମ୍ବାଦ କିମ୍ବା ତତସମ୍ବନ୍ଧିତ ଟିପ୍ପଣୀ ସମ୍ବଳିତ ପ୍ରକାଶନ ଗୁଡ଼ିକୁ 'ସମ୍ବାଦପତ୍ର' ଭାବେ ସଂଜ୍ଞା ନିରୂପିତ କରିବା ଓ ସେଗୁଡ଼ିକର ପଞ୍ଜୀକରଣ କରିବାର ବ୍ୟବସ୍ଥା ରହିଛି ।

(2) ସମ୍ବାଦପତ୍ର ପ୍ରକାଶ କରିବା ସକାଶେ ଇଚ୍ଛୁକ ଯେକୌଣସି ବ୍ୟକ୍ତି ବିନିର୍ଦ୍ଦିଷ୍ଟ ଅଧିକାରୀଙ୍କ ନିକଟରେ, ତାଙ୍କ ସମ୍ବାଦପତ୍ରର ପ୍ରସ୍ତାବିତ ଟାଇଟଲ (ଟାଇଟଲମାନ) ସହ ଘୋଷଣାପତ୍ର ଦାଖଲ କରିବେ। ସେହି ବିନିର୍ଦ୍ଦିଷ୍ଟ ଅଧିକାରୀ ପ୍ରେସ୍ ରେଜିଷ୍ଟ୍ରାରଙ୍କ ଠାରୁ ପରଖିବା ପରେ ଏହି ଘୋଷଣାପତ୍ରକୁ ପ୍ରମାଣିତ ସ୍ୱୀକୃତି ପ୍ରଦାନ କରିବେ ଯେ ପ୍ରସ୍ତାବିତ ଟାଇଟଲ :

କ) ଯେକୌଣସି ଭାଷାରେ ଗୋଟିଏ ରାଜ୍ୟରେ ଟାଇଟଲ ସହ ସମାନ ଅବା ଅନୁରୂପ ନୁହେଁ, କିମ୍ବା

ଖ) ସମଗ୍ର ଭାରତରେ ଗୋଟିଏ ଭାଷାରେ ଥିବା ଅନ୍ୟ କୌଣସି ଟାଇଟଲ ସହ ସମାନ ଅବା ଅନୁରୂପ ନୁହେଁ ।

(3) ସମ୍ବାଦପତ୍ରର ଟାଇଟଲ ପାଇଁ ଆବେଦନ କରିବା ପୂର୍ବରୁ ଆବେଦନକାରୀ ଆରଏନଆଇ ୱେବସାଇଟରେ ପ୍ରଦତ୍ତ 'ତନଖି ହୋଇଥିବା ଟାଇଟଲ/ ଟାଇଟଲ ସର୍ଚ୍ଚ' ମେନୁର ବିସ୍ତୃତ ତାଲିକାକୁ ଉତ୍ତମ ରୂପେ ପରଖିନେବା ଉଚିତ ଏବଂ ସୁନିଶ୍ଚିତ ହେବା ଆବଶ୍ୟକ ଯେ ପ୍ରସ୍ତାବିତ ଟାଇଟଲଗୁଡ଼ିକ ଆରଏନଆଇଙ୍କ ଦ୍ୱାରା ପୂର୍ବରୁ ଯାଞ୍ଚ ଏବଂ ସ୍ୱୀକୃତ ଟାଇଟଲ ସହ ସମାନ ଅବା ଅନୂରୂପ ନୁହେଁ । ଆରଏନଆଇ ୱେବସାଇଟ୍‌ରେ ସ୍ଥାନୀତ ଟାଇଟଲଗୁଡ଼ିକ ହେଉଛି ସେହିଭଳି

ଟାଇଟଲ ଯାହା ଆରଏନଆଇ ଦ୍ୱାରା ପୂର୍ବରୁ ଯାଞ୍ଚ କରାଯାଇସାରିଛି । ଏହା ଏକଥା ସୂଚୀତ କରେନାହିଁ ଯେ ଯେଉଁସବୁ ଟାଇଟଲ ଏହି ତାଲିକାରେ ସ୍ଥାନୀତ ହୋଇନାହିଁ ତାହା ନିଶ୍ଚିତ ରୂପେ ଯାଞ୍ଚ ପାଇଁ ଉପଲବ୍ଧ ଅଛି ।

(4) ସମ୍ବାଦପତ୍ର/ପତ୍ରପତ୍ରିକା ଟାଇଟଲ ଯାଞ୍ଚ ପାଇଁ ଆବେଦନପତ୍ର କେବଳ ଅନଲାଇନ୍ ମାଧ୍ୟମରେ ହିଁ ସମ୍ପାଦନ କରାଯାଇଥାଏ । ଏଥିପାଇଁ ଆବେଦନ ଫର୍ମ (ସଂଶ୍ଳିଷ୍ଟ ଫର୍ମାଟରେ) ଆରଏନଆଇ ୱେବସାଇଟ୍, ଯାହାକି http//www.rni.nic.in ରେ ଉପଲବ୍ଧ ଅଛି । ଏହାର ଗୋଟିଏ ଛାପା ନକଲକୁ ନିର୍ଦ୍ଦିଷ୍ଟ ଅଧିକାରୀ (ସଂପୃକ୍ତ ଜିଲ୍ଲାର ଜିଲ୍ଲା ମାଜିଷ୍ଟ୍ରେଟ୍/ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ)ଙ୍କ ମାଧ୍ୟମରେ ଆରଏନଆଇଙ୍କ ନିକଟକୁ ପ୍ରେରଣ କରିବାକୁ ହେବ ।

(5) ଟାଇଟଲ ଆବେଦନପତ୍ରର ପ୍ରତ୍ୟେକ ପୃଷ୍ଠାରେ ସ୍ପଷ୍ଟ ଏବଂ ଦୃଶ୍ୟମାନ ହେଉଥିବା ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ସିଲ୍ ଏବଂ ସ୍ୱାକ୍ଷର ସହ ଆବେଦନପତ୍ରକୁ ପଠାଯିବା ବାଞ୍ଛନୀୟ ।

(6) ଜିଲ୍ଲା ମାଜିଷ୍ଟ୍ରେଟ୍/ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ଓ ପ୍ରେରିତ କେବଳ ମୂଳ ଟାଇଟଲ ଆବେଦନଫର୍ମକୁ ହିଁ ଆରଏନଆଇ ଟାଇଟଲ ତନଖି ପାଇଁ ଗ୍ରହଣ କରିବେ । ଏହାର ଫଟୋକପିକୁ ଗ୍ରହଣ କରାଯିବ ନାହିଁ । ଟାଇଟଲ ଆବେଦନ ଫର୍ମରେ କୌଣସି ପ୍ରକାର ଅଦଳବଦଳ କିମ୍ବା ଧଳା ତରଳର ବ୍ୟବହାର କିମ୍ବା ରଦ୍ଦ/ ଲେଖାଟିକୁ କାଟି ଆଉ ଥରେ ଲେଖା ଆଦିକୁ କୌଣସି ମତେ ଅନୁମତି ପ୍ରଦାନ କରାଯିବ ନାହିଁ ।

(7) କୌଣସି ଆବେଦନପତ୍ରରେ ଯଦି ଏକାଧିକ ଭାଷା ସମ୍ପର୍କରେ ଉଲ୍ଲେଖ ରହିଥିବ ତେବେ ସେଭଳି ଆବେଦନପତ୍ରକୁ ଦ୍ୱିଭାଷୀ/ ବହୁଭାଷୀ ସମ୍ବାଦପତ୍ର ଭାବେ ବିବେଚନା କରାଯିବ ଏବଂ ତଦନୁସାରେ ଯାଞ୍ଚ କରାଯିବ ।

(8) ଗୋଟିଏ ସମ୍ବାଦପତ୍ର କିମ୍ବା ପ୍ରକାଶନ ଯେକୌଣସି ଭାଷାରେ ହୋଇପାରେ, ଏହା ଏକଭାଷୀ, ଦ୍ୱିଭାଷୀ ଅଥବା ବହୁଭାଷୀ ହୋଇପାରେ । ଯେତେବେଳେ କୌଣସି ପ୍ରକାଶନ ଦ୍ୱିଭାଷୀ ଅଥବା ବହୁଭାଷୀ ହୋଇଥିବ, ସେଥିରେ ଟାଇଟଲ ତନଖି କରାଯାଇଥିବା ସମସ୍ତ ଭାଷାରେ ଖବର/ ନିବନ୍ଧମାନ ରହିବା ବାଞ୍ଛନୀୟ । ଯଦି ଭିନ୍ନ ଭାଷାରେ ଏକ ପୃଥକ ପ୍ରକାଶନ ଅଣାଯାଏ, ତେବେ ପ୍ରତ୍ୟେକ ପ୍ରକାଶନ ସକାଶେ ପୃଥକ ଭାବେ ଆବେଦନପତ୍ର ଦାଖଲ କରାଯିବା ଆବଶ୍ୟକ ।

(9) ଯଦି ପୂର୍ବରୁ ପ୍ରକାଶ ପାଉଥିବା କୌଣସି ପ୍ରକାଶନର ଏକ ସଂସ୍କରଣ ସେହି ରାଜ୍ୟର ଅନ୍ୟ କୌଣସି ଜିଲ୍ଲାରୁ ଏବଂ ସେହି ଭାଷାରେ ପ୍ରକାଶ କରାଯାଏ ତେବେ ସେଥିପାଇଁ କୌଣସି ପ୍ରାକ୍ ଟାଇଟଲ ତନଖିର ଆବଶ୍ୟକତା ପଡ଼ିବନାହିଁ । ସେପରି ସ୍ଥଳେ ପ୍ରକାଶକ ନିଜେ ସିଧାସଳଖ ଘୋଷଣାନାମା ଦାଖଲ କରିପାରିବେ ଏବଂ ତା'ପରେ ପଞ୍ଜୀକରଣ ନମ୍ବର ଏବଂ ସାର୍ଟିଫିକେଟ ସକାଶେ ଆରଏନଆଇଙ୍କ ନିକଟରେ ଆବଶ୍ୟକ ନଥିପତ୍ର ପେଶ କରିପାରିବେ । କିନ୍ତୁ ଯଦି

ପ୍ରସ୍ତାବିତ ନୂତନ ସଂସ୍କରଣ ଅନ୍ୟ କୌଣସି ରାଜ୍ୟରୁ ବାହାରିବାର ଥିବ କିମ୍ବା ତାହା ଅନ୍ୟ କୌଣସି ଭାଷାରେ ହୋଇଥିବ (ସେହି ରାଜ୍ୟ ଭିତରେ କିମ୍ବା ଅନ୍ୟ ଏକ ରାଜ୍ୟରୁ), ସେଥିପାଇଁ ପ୍ରାକ୍ ତନଖିର ଆବଶ୍ୟକତା ପଡ଼ିବ ।

(10) ଜଣେ ଆବେଦନକାରୀ ଯାହାଙ୍କ ପାଖରେ ଏକ ନିର୍ଦ୍ଦିଷ୍ଟ ଭାଷା, ରାଜ୍ୟ ଓ ନିର୍ଦ୍ଦିଷ୍ଟ ଅବଧିରେ ପ୍ରକାଶ ପାଉଥିବା ଏକ ଟାଇଟଲ ରହିଥିବ, ସେ ସ୍ୱତଃ ଅନ୍ୟ ଭାଷା, ରାଜ୍ୟ ଓ ନିର୍ଦ୍ଦିଷ୍ଟ ଅବଧିରେ ସେଠାରୁ ପ୍ରକାଶ ପାଉଥିବା ସେହି ଟାଇଟଲର ଅଧିକାରୀ ବୋଲି ଦାବି କରିପାରିବେ ନାହିଁ ।

(11) ଅନ୍ୟ ଏକ ରାଜ୍ୟ, ଭାଷା କିମ୍ବା ଅବଧି ପାଇଁ ପୂର୍ବରୁ ହାସଲ ଟାଇଟଲର ଯାଞ୍ଚ ସକାଶେ ସରକାରୀ ନିୟମାବଳୀ ଅନୁସାରେ ଉପଲବ୍ଧତା ଦୃଷ୍ଟିରୁ ତାହାକୁ ବିଚାରକୁ ନିଆଯିବ ।

(12) ସେଭଳି ଆବେଦନକାରୀ ଯେଉଁମାନେ ସେମାନଙ୍କ ନାମରେ ଆରଏନଆଇ ରେକର୍ଡ଼ରେ ନିଜ ପ୍ରକାଶନର ପଞ୍ଜୀକରଣ କରାଇ ସାରିଛନ୍ତି ସେମାନେ ସୁନିଶ୍ଚିତ ହେବା ଉଚିତ ଯେ ସାନି ଟାଇଟଲ (ଟାଇଟଲଗୁଡ଼ିକ) ପାଇଁ ଆବେଦନ କରିବା ପୂର୍ବରୁ ସେହିସବୁ ପଞ୍ଜୀକୃତ ପ୍ରକାଶନ/ପ୍ରକାଶନମାନଙ୍କର ସର୍ବଶେଷ ବାର୍ଷିକ ବିବରଣୀକୁ ସଂପୂର୍ଣ୍ଣ ରୂପେ ପୂରଣ କରି ଆରଏନଆଇରେ ଦାଖଲ କରିଛନ୍ତି ।

(13) ଟାଇଟଲ ଯାଞ୍ଚ ପାଇଁ ଆବେଦନପତ୍ର କୌଣସି ଦୃଷ୍ଟିରୁ ଅସମ୍ପୂର୍ଣ୍ଣ ହୋଇଥିଲେ ଖାରଜ କରାଯିବ।

(14) ଟାଇଟଲ ଯାଞ୍ଚ ସକାଶେ ଆବେଦନପତ୍ର ପ୍ରକ୍ରିୟାକରଣ ପାଇଁ ପ୍ରେସ୍ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଯେଉଁ ମୋଟାମୋଟି ଆଭିମୁଖ୍ୟ ଗ୍ରହଣ କରାଯାଇଛି ତାହା ନିମ୍ନରେ ପ୍ରଦାନ କରାଗଲା:

କ) ଗୋଟିଏ ରାଜ୍ୟରେ ଯେକୌଣସି ଭାଷାରେ ସମାନ ଅବା ଅନୁରୂପ ଟାଇଟଲ କିମ୍ବା ସାରା ଭାରତରେ ସମାନ ଭାଷାରେ ସମାନ ଅବା ଅନୁରୂପ ଟାଇଟଲ ପାଇଁ ପ୍ରାପ୍ତ ଆବେଦନପତ୍ରକୁ ଯାଞ୍ଚ କରାଯିବ ନାହିଁ ।

ଖ) ଯେଉଁ ଟାଇଟଲ ବିଦେଶୀ ଖବରକାଗଜ/ପତ୍ରପତ୍ରିକା ସଙ୍ଗେ ସମାନ ଅବା ଅନୂରୂପ ହୋଇଥିବ ତାହାର ବିଦେଶୀ ଟାଇଟଲଧାରୀଙ୍କ ଠାରୁ ପ୍ରାପ୍ତ ଏକ ବୈଧ ଲାଇସେନ୍ସ ଚୁକ୍ତିନାମା ଉପସ୍ଥାପନ କରାନଗଲେ ତାହାର ଯାଞ୍ଚ କରାଯିବ ନାହିଁ ।

ଗ) ପୂର୍ବରୁ ଟାଇଟଲ (ଏକାଧିକ ଟାଇଟଲ) ମଂଜୁରି ପାଇଥିବା ଜଣେ ବ୍ୟକ୍ତି ତାଙ୍କ ଟାଇଟଲର ପଞ୍ଜୀକରଣ କରାଯିବା ପରେ ହିଁ ନୂଆ ଟାଇଟଲ ପାଇଁ ଆବେଦନ କରିପାରିବେ ।

ଘ) ଏକା ଥରକେ ଜଣେ ଆବେଦନକାରୀ ତିନିଗୋଟି ଟାଇଟଲଠାରୁ ଅଧିକ ପାଇଁ ଆବେଦନ କରିପାରିବେ ନାହିଁ । ଯଦି ଜଣେ ଆବେଦନକାରୀଙ୍କ ଠାରୁ ତିନୋଟି ଠାରୁ ଅଧିକ ଆବେଦନପତ୍ର ମିଳେ, ତେବେ କେବଳ ତିନୋଟି ଆବେଦନପତ୍ରକୁ ହିଁ ବିଚାରକୁ ନିଆଯିବ ଏବଂ ଅବଶିଷ୍ଟ ଆବେଦନ ପତ୍ର ଗୁଡ଼ିକ ସଂପୂର୍ଣ୍ଣ ରୂପେ ଅଗ୍ରାହ୍ୟ କରିଦିଆଯିବ ।

ଙ) ପ୍ରଥମେ ପ୍ରାପ୍ତ ପ୍ରଥମେ ଯାଞ୍ଚ ଆଧାରରେ ହିଁ ଟାଇଟଲଗୁଡ଼ିକୁ ଯାଞ୍ଚ କରାଯିବ; ତେବେ ନିମ୍ନ କେତେକ ସ୍ଥଳେ ତାହା ପ୍ରଯୁଜ୍ୟ ହେବନାହିଁ:

I. କୌଣସି ବିଦେଶୀ ଟାଇଟଲ କ୍ଷେତ୍ରରେ ଯେଉଁଠି ଆବେଦନକାରୀ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଠାରୁ ଏକ ଏନଓସି ଦାଖଲ କରିଥିବେ ।

II. ନ୍ୟାୟାଳୟ କିମ୍ବା ଯେକୌଣସି ବୈଧାନିକ ଅଧିକାରୀଙ୍କ ଠାରୁ କୌଣସି ନିର୍ଦ୍ଦେଶ ପ୍ରାପ୍ତ ହୋଇଥିବ, ଯାହାକି ପାଳନୀୟ ହୋଇଥିବ ଏବଂ ସିଦ୍ଧାନ୍ତ ନିଆଯାଇଥିବ ଯେ ସେପରି ନିର୍ଦ୍ଦେଶ/ ଆଦେଶ ବିରୋଧରେ ଅପିଲ କରାଯିବ ନାହିଁ ।

III. ଅନ୍ୟ ଯେକୌଣସି ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଯେଉଁଥିପାଇଁ ପ୍ରେସ୍ ରେଜିଷ୍ଟ୍ରାରଙ୍କ ସ୍ୱୀକୃତି ପ୍ରାପ୍ତ ହୋଇଥିବ ।

ଚ) ଆବେଦନପତ୍ର ପୈଠ କଲାବେଳେ ଯଦି ଆବେଦନକାରୀଙ୍କ ଦ୍ୱାରା ଟାଇଟଲରେ କୌଣସି ବନାନ ଅଶୁଦ୍ଧି ଥିବା ଯୋଗୁ ଟାଇଟଲ ପ୍ରତ୍ୟାଖ୍ୟାନ ହୋଇଯାଏ ସେଥିପାଇଁ ଆରଏନଆଇ ଦାୟୀ ରହିବେ ନାହିଁ ।

ଛ) ପ୍ରେସ୍ ଏବଂ ପୁସ୍ତକ ପଞ୍ଜୀକରଣ ଆଇନ, 1867ର ଧାରା 1ରେ ନିରୂପିତ ସଂଜ୍ଞା ଅନୁସାରେ ହିଁ ଆରଏନଆଇ କେବଳ ସମ୍ବାଦପତ୍ର ଏବଂ ପତ୍ରପତ୍ରିକା ପାଇଁ ପଞ୍ଜୀକରଣ କରିଥାନ୍ତି । ନିମ୍ନଲିଖିତ ବର୍ଗର ଆବେଦନକାରୀଙ୍କ ଠାରୁ ପ୍ରାପ୍ତ ଟାଇଟଲ ଯାଞ୍ଚ ଆବେଦନପତ୍ରକୁ ବିଚାରକୁ ନିଆଯିବନାହିଁ:

I. ନ୍ୟୁଜ ଏଜେନ୍ସି
II. ଫିଚର ଏଜେନ୍ସି
III. ସମ୍ବାଦ ୱେବସାଇଟ୍
IV. ନ୍ୟୁଜ୍ ଚାନେଲ
V. କୌଣସି ପ୍ରକାଶନର ଇଲେକ୍ଟ୍ରୋନିକ୍ ଭର୍ସନ, ଯେଉଁଥିରେ ଟାଇଟଲ ଅପସନରେ ଡଟ୍ କମ୍, ଡଟ୍ ଇନ୍, ଇ-ବ୍ଲଗ୍, ପୋର୍ଟାଲ, ଫେସବୁକ୍, ଟ୍ୱିଟର, ଅର୍କୁଟ୍, ଲିଙ୍କଡ୍ଇନ୍, ୟୁଟ୍ୟୁବ୍, ୟାହୁ, ଗୁଗଲ, ୱିକିପିଡ଼ିଆ, ୱିକିଲିକ୍ସ  ଆଦି ଶବ୍ଦ ବ୍ୟବହାର ହୋଇଥିବ ।

(15) ପ୍ରସ୍ତାବିତ ସମ୍ବାଦପତ୍ର ନିମନ୍ତେ ନିମ୍ନ ବର୍ଗର ଟାଇଟଲକୁ ବିଚାରକୁ ନିଆଯିବ ନାହିଁ:

I. ସରକାରୀ ବିଭାଗ, ସରକାରୀ ସଂସ୍ଥା, ବିଦେଶୀ ସରକାର, ଆନ୍ତର୍ଜାତିକ ସଂଗଠନ ଯଥା, ୟୁଏନ, ଡବ୍ଲୁଏଚ୍ଓ, ଆଇଏଲଓ ଆଦି ଯାହାକି ସେମାନଙ୍କ ସହ ସଂଶ୍ଳିଷ୍ଟ ରହିବା ଭଳି ଭ୍ରମ ସୃଷ୍ଟି କରୁଥିବ ।

II. କେନ୍ଦ୍ର/ ରାଜ୍ୟ ସରକାର କିମ୍ବା ଏହାର କୌଣସି ସଂସ୍ଥା ବା ସ୍ଥାନୀୟ ସଂସ୍ଥାଙ୍କ କୌଣସି ଜନ କଲ୍ୟାଣ ଯୋଜନା ସହିତ ସଂଶ୍ଳିଷ୍ଟ ବୋଲି ଏପରି ଟାଇଟଲ ସୂଚୀତ କରୁଥିବ ।

III. ଯେଉଁସବୁ ଟାଇଟଲରେ ବିଜ୍ଞାପନ/ ବିଜ୍ଞପ୍ତି, କ୍ଲାସିଫାଏଡ, ଟେଣ୍ଡର, ରିଅଲ ଇଷ୍ଟେଟ, କ୍ୟାଲେଣ୍ଡର, ପାଞ୍ଜି, ବିବାହ ବିଜ୍ଞାପନ, ୟେଲୋ ପେଜ/ ପେଜ୍ (ସାଧାରଣତଃ ଯାହା ପୂର୍ବରୁ ହ୍ୱାଇଟ୍, ପିଙ୍କ୍ ଇତ୍ୟାଦି ଲାଗିଥିବ), ଗାଇଡ, ଡାଏରୀ, ସଂକ୍ଷିପ୍ତସାର, ତଥ୍ୟାବଳୀ ଫର୍ଦ୍ଦ, ବୁଲେଟିନ, ପ୍ରଚାରପତ୍ର, ପୁସ୍ତିକା, ଡାଇରେକ୍ଟୋରୀ ବ୍ୟବହାର ହୋଇଥିବ, ସେପରି ପ୍ରକାଶନରେ କୌଣସି ସମ୍ବାଦ/ ମତାମତ/ ପ୍ରବନ୍ଧାଦି ସ୍ଥାନ ପାଇନଥିବ ।

IV. ଯେଉଁ ଟାଇଟଲରେ B2B, A2Z ଆଦି ଭଳି ସଂକ୍ଷିପ୍ତ ବା ସଂକ୍ଷିପ୍ତ ଶବ୍ଦ ଥିବ ।

V. ଯେଉଁ ଟାଇଟଲରେ ଛବିଗ୍ରାଫ୍, ଭିଡିଓଗ୍ରାମ୍, ହଲମାର୍କ, ଲୋଗୋ, ମୋନୋଗ୍ରାମ, ସଂକ୍ଷେପଶବ୍ଦ, ଫୋନୋଗ୍ରାମ, ଇମୋଜି ଭଳି କୌଣସି ପ୍ରକାର ଚିହ୍ନ ଓ ସଂକେତ ଚିହ୍ନ ଥିବ ସେସବୁକୁ ଟାଇଟଲ ଯାଞ୍ଚ  ପାଇଁ ବିଚାର କରାଯିବନାହିଁ ।

VI. ଯେଉଁ ଟାଇଟଲମାନଙ୍କରେ ଅଣଅକ୍ଷରଯୁକ୍ତ ସଂଖ୍ୟା ଯଥା ଛବି କି ସଂକେତ ରହିଥିବ ସେସବୁକୁ ଯାଞ୍ଚ ପାଇଁ ବିଚାରକୁ ନିଆଯିବନାହିଁ ।

VII. ଯେଉଁସବୁ ଟାଇଟଲ ପ୍ରଥମରୁ ଉଦ୍ଭଟ ଏବଂ ଅର୍ଥହୀନ ପରି ପ୍ରତୀୟମାନ ହେଉଥିବ ତାହାକୁ ଯାଞ୍ଚ କରାଯିବନାହିଁ । କୌଣସି ପ୍ରକାର ସାଂଖ୍ୟିକ ଓ ଗାଣିତିକ ସଂକେତ ଯଥା +, * ଇତ୍ୟାଦିକୁ ଟାଇଟଲରେ କଦାପି ବ୍ୟବହାର କରାଯିବା ଉଚିତ ନୁହେଁ । ଯେଉଁସବୁ ଟାଇଟଲ ଶବ୍ଦମାନଙ୍କର ସଂଯୋଗରେ ଅର୍ଥହୀନ ଭଳି ଲାଗୁଥିବ ଯଥା, ସାପ୍ତାହିକ ଓ୍ୱିକ୍ଲି, ସାନ୍ଧ୍ୟ ଇଭନିଂ, ଡେଲୀ ଦୈନିକ ନ୍ୟୁଜ୍, ସେସବୁକୁ ଯାଞ୍ଚ ପାଇଁ ଗ୍ରହଣ କରାଯିବନାହିଁ ।

VIII. ଯେଉଁସବୁ ଟାଇଟଲରେ ଧାର୍ମିକ ଗୁଣାର୍ଥସୂଚକ ଶବ୍ଦ ଥିବ, ଯେଉଁ ଟାଇଟଲରେ ଅଶ୍ଳୀଳ ଓ ଜନସାଧାରଣଙ୍କ ଭାବନାକୁ ଆଘାତ ପହଞ୍ଚାଇବା ଭଳି ଶବ୍ଦମାନ ଥିବ ତାହାକୁ ଯାଞ୍ଚ କରାଯିବନାହିଁ ।

IX. ଯେଉଁସବୁ ଟାଇଟଲରେ ନକାରାତ୍ମକ ଗୁଣାର୍ଥସୂଚକ ଶବ୍ଦ ଥିବ କିମ୍ବା ଯାହାକୁ ଅପରାଧ ଓ ଦୁର୍ନୀତି ଭଳି ଶବ୍ଦ ରୂପେ ଦୁରୂପଯୋଗ କରାଯାଉଥିବ ସେସବୁକୁ ଯାଞ୍ଚ କରାଯିବନାହିଁ ।

X. କେବଳ କୌଣସି ସଂସ୍ଥା/ ସୋସାଇଟି /କମ୍ପାନୀ/ ଟ୍ରଷ୍ଟମାନଙ୍କ ଦ୍ୱାରା ନିଯୁକ୍ତି/ ରୋଜଗାର/ କ୍ୟାରିଅର୍/ ଚାକିରି/ ନୌକରୀ ଭଳି ଶବ୍ଦ ଟାଇଟଲ ସକାଶେ ବ୍ୟବହାର କରାଯାଇପାରିବ। ସେହିଭଳି ଟାଇଟଲ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆବେଦନ କରାଗଲେ ତାହା ଯାଞ୍ଚ ହେବନାହିଁ।

XI. ଯେଉଁ ଟାଇଟଲ "ସଂକେତ ଓ ନାମ (ଅପବ୍ୟବହାର ନିରୋଧ) ଆଇନ, ୧୯୫୦ର ଉଲ୍ଲଙ୍ଘନ କରୁଥିବ ତାହାକୁ ଯାଞ୍ଚ କରାଯିବନାହିଁ ।

XII. ଯେଉଁ ଟାଇଟଲମାନ **ଜାତୀୟ ସଂକେତ, ଜାତୀୟ ଆଦର୍ଶବାକ୍ୟ** ସହ କୌଣସି ପ୍ରକାର ସମାନତା କିମ୍ବା ସାମଞ୍ଜସ୍ୟ ରହିଥିବ  ଅଥବା କେନ୍ଦ୍ର ସରକାର/ ରାଜ୍ୟ ସରକାରମାନ/

ସ୍ଥାନୀୟ ସଂସ୍ଥାମାନଙ୍କ ସହ ସଂଶ୍ଳିଷ୍ଟ ବୋଲି ସାଧାରଣରେ ଧାରଣା ସୃଷ୍ଟି କରୁଥିବ ସେଗୁଡ଼ିକୁ ଯାଞ୍ଚ କରାଯିବନାହିଁ ।

XIII. ଯେଉଁସବୁ ଟାଇଟଲମାନଙ୍କରେ ଦେଶର ନିୟାମକ/ଏନଫୋର୍ସମେଣ୍ଟ ଏଜେନ୍ସିମାନଙ୍କ ନାମ ଯଥା, 'ପୋଲିସ', 'ବ୍ୟୁରୋ', 'ଅନୁସନ୍ଧାନ ବିଭାଗ', 'ଭିଜିଲାନ୍ସ', 'ସିଆଇଡି', 'ସିବିଆଇ' ଇତ୍ୟାଦି ଶବ୍ଦ ବ୍ୟବହୃତ ହୋଇଥିବ, କେବଳ ସଂପୃକ୍ତ ବିଭାଗକୁ ଛାଡ଼ି ଅନ୍ୟମାନଙ୍କ ଦ୍ୱାରା ସେଭଳି ଟାଇଟଲ ଆବେଦନପତ୍ରକୁ ଯାଞ୍ଚ କରାଯିବନାହିଁ ।

XIV. ଯେଉଁସବୁ ଟାଇଟଲମାନଙ୍କରେ ଦେଶର ବର୍ତ୍ତମାନ/ ପୂର୍ବତନ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ, ଯେଉଁ ରାଜ୍ୟରେ ସେଭଳି ପ୍ରକାଶନ ପାଇଁ ପଞ୍ଜୀକରଣ କରାଯାଉଥିବ ସେଠାକାର ବର୍ତ୍ତମାନର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନାମ, କାର୍ଯ୍ୟରତ ପ୍ରଧାନ ବିଚାରପତି, କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲ ଓ ମୁଖ୍ୟ ନିର୍ବାଚନ ଆୟୁକ୍ତମାନଙ୍କ ନାମ ସଂଯୋଗ କରାଯାଇଥିବ ସେଗୁଡ଼ିକର ଯାଞ୍ଚ କରାଯିବନାହିଁ ।

XV. ଯେଉଁସବୁ ଟାଇଟଲରେ ଜାତୀୟ ନେତୃବର୍ଗଙ୍କ ନାମ ଅଥବା ପ୍ରମୁଖ ଜାତୀୟ ନେତାଙ୍କ ନାମ, ସରକାରୀ ମୁଖ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମକର୍ତ୍ତାଙ୍କ ନାମର ସାଦୃଶ୍ୟ ଥିବ ତାହାକୁ ଯାଞ୍ଚ କରାଯିବନାହିଁ । କିନ୍ତୁ, ଯଦି ସ୍ୱୀକୃତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳମାନଙ୍କ ନାମରେ ସଂପୃକ୍ତ ସଂଗଠନମାନଙ୍କ ଦ୍ୱାରା ଏଭଳି ଟାଇଟଲ ସକାଶେ ଆବେଦନ କରଯାଇଥାଏ ତେବେ ତାହାକୁ ଯାଞ୍ଚ ପାଇଁ ବିଚାରକୁ ନିଆଯାଇପାରେ ।

XVI. ଯେଉଁସବୁ ଟାଇଟଲ ବର୍ତ୍ତମାନ ପଞ୍ଜିକୃତ ସମ୍ବାଦପତ୍ର ଟାଇଟଲର ମିଶ୍ରଣରେ କରାଯାଇଥିବ, ପ୍ରସ୍ତାବିତ ଟାଇଟଲଟି ପୂର୍ବରୁ ଥିବା ଦୁଇଟି କିମ୍ବା ତତୋଧିକ ଟାଇଟଲର ମିଶ୍ରଣରେ ହୋଇଥିବ ଅଥବା ପ୍ରଚଳିତ ଥିବା କୌଣସି ଟାଇଟଲକୁ ଆଂଶିକ ଭାବେ ସୂଚୀତ କରୁଥିବ ଯାହାକି ନୂତନ ଟାଇଟଲକୁ ପୂର୍ବରୁ ଯାଞ୍ଚ କରାଯାଇଥିବା ଟାଇଟଲ ଠାରୁ ସଂପୂର୍ଣ୍ଣ ପୃଥକ୍ ବୋଲି ସୂଚୀତ କରୁନଥିବ ସେଭଳି ଟାଇଟଲକୁ ଯାଞ୍ଚ କରାଯିବନାହିଁ । ପ୍ରଚଳିତ କୌଣସି ଟାଇଟଲ ମଝିରେ ଗୋଟିଏ ଶବ୍ଦ ଯୋଡ଼ି ଦିଆଯିବାକୁ ଅନୁରୂପ ବୋଲି ବିବେଚନା କରାଯିବ, ଯଦି ତାହାର ଅର୍ଥ ଯଥେଷ୍ଟ ଭାବେ ପୃଥକ୍ ବୋଲି ପ୍ରତୀୟମାନ ହେଉନଥିବ ।

XVII. ପ୍ରଚଳିତ ଥିବା ଗୋଟିଏ ଟାଇଟଲର ସମାନ ଶବ୍ଦ ଯଦି ଆବେଦନ କରାଯାଇଥିବା ନୂତନ ଟାଇଟଲରେ ସମାନ ଅଥବା ଯେକୌଣସି ଭିନ୍ନ ଶୃଙ୍ଖଳାରେ ଥିବ, ତାହା ଭାଷା, ପ୍ରକାଶନର ସ୍ଥାନ ଓ ପ୍ରକାଶନ ଅବଧି ନିର୍ବିଶେଷରେ ଯାଞ୍ଚ ପାଇଁ ବିଚାରକୁ ନିଆଯିବନାହିଁ ।

XVIII. ପୂର୍ବରୁ ଥିବା ଏକ ଟାଇଟଲ ନାଁର ପୂର୍ବରୁ ଅବା ପରେ କୌଣସି ସହର, ରାଜ୍ୟ, ପିରିଅଡ଼ିକାଲ, ଭାଷା, ଅବ୍ୟୟ ପଦ/ ବିଶେଷଣ, ସାମଗ୍ରୀ ନାମ (A, An, The) ଯୋଡ଼ିଦେଇ ଯଦି କୌଣସି ଟାଇଟଲ ଗଠନ କରାଯାଇଥିବ, ତାହାକୁ ଯାଞ୍ଚ ପାଇଁ ଗ୍ରହଣ

କରାଯିବ ନାହିଁ । ଏହାର ଉଦାହରଣମାନ ହେଉଛି: ଦି, ଟାଇମ୍ସ, ଦୈନିକ, ସାପ୍ତାହିକ, ଭି/ ୱର୍ଥ, ଆଜ୍, ଟୁଡ଼େ, ଏକ୍ସପ୍ରେସ୍, ନ୍ୟୁଜ୍, ଖବର, ସମାଚାର, ବୁଲେଟିନ, ଡେଲୀ, ଡାଏରୀ, ଇଣ୍ଡିଆ, ନ୍ୟାସନାଲ, ରାଷ୍ଟ୍ରୀୟ ଇତ୍ୟାଦି ।

XIX. ସମୟ ଅବଧି କିମ୍ବା ପ୍ରସ୍ତାବିତ ପ୍ରକାଶନର ଭାଷାକୁ ପୂର୍ବରୁ ଥିବା ଏକ ଟାଇଟଲ ନାଁ ପୂର୍ବରୁ କିମ୍ବା ପରେ ଯୋଡ଼ିଦେଇ ସୃଷ୍ଟ ନାମକୁ ଯାଞ୍ଚ କରାଯିବନାହିଁ ।

XX. ଯେଉଁସବୁ ପ୍ରକାଶନ ସଂପୂର୍ଣ୍ଣ ରୂପେ ପ୍ରତିଯୋଗିତାମୂଳକ ପରୀକ୍ଷା କିମ୍ବା ପାଠ୍ୟ ସାମଗ୍ରୀ/ କୋଚିଂ ପାଠ୍ୟ ସାମଗ୍ରୀ ଛାପିବା ପାଇଁ ଉଦ୍ଦିଷ୍ଟ ସେଗୁଡ଼ିକ ଯାଞ୍ଚ ପାଇଁ ବିଚାରକୁ ନିଆଯିବ ନାହିଁ ।

XXI. ଯେଉଁସବୁ ଟାଇଟଲ ପୂର୍ବରୁ ଥିବା ଏକ ଟାଇଟଲ ସହ ଉଚ୍ଚାରଣଗତ ସାମଞ୍ଜସ୍ୟ ଦୃଷ୍ଟିରୁ ସମାନ ବୋଲି ପ୍ରତୀୟମାନ ହେଉଥିବ, ତାହା ପ୍ରସ୍ତାବିତ ଟାଇଟଲରେ ବନାନ ଦୃଷ୍ଟିରୁ ପୃଥକ୍ ହୋଇଥିଲେ ସୁଦ୍ଧା ତାହା ଯାଞ୍ଚ ବିଚାରକୁ ନିଆଯିବନାହିଁ ।

16) ଆବେଦନକାରୀମାନଙ୍କ ନିମନ୍ତେ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ :

କ) ଟାଇଟଲ ଯାଞ୍ଚ ତାରିଖ ଠାରୁ ଏକ ବର୍ଷ ଅବଧି ମଧ୍ୟରେ ମାଲିକ/ ପ୍ରକାଶକଙ୍କୁ ସମ୍ବାଦପତ୍ର ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ (ଆରଏନଆଇ)ରେ ଟାଇଟଲ ପଞ୍ଜିକୃତ କରିବାକୁ ପଡ଼ିବ । ଯଦି ଯାଞ୍ଚ ହୋଇଥିବା ଟାଇଟଲ ଏକ ବର୍ଷ ମଧ୍ୟରେ ପଞ୍ଜିକୃତ ହୋଇନଥିବ ତାହାକୁ ବାତିଲ କରାଯିବ ଏବଂ ଅନ୍ୟ ଆବେଦନକାରୀଙ୍କ ନିମନ୍ତେ ତାହା ଉପଲବ୍ଧ କରାଯିବ ।

ଖ) ଯଦି କୌଣସି ଏକ ଟାଇଟଲ ଯାଞ୍ଚ ଆବେଦନ ପ୍ରକ୍ରିୟାରେ ରହିଥିବ, ତାହା ଉପରେ କୌଣସି ଅନିୟମିତତା ସଂକ୍ରାନ୍ତୀୟ ପତ୍ର (ଡ଼ି/ଏଲ) ପ୍ରେରଣ କରାଯାଇଥିବ, ସେଭଳି ପତ୍ର ପ୍ରେରଣ କରାଯିବାର 60 ଦିନ ମଧ୍ୟରେ ଆବେଦନକାରୀଙ୍କୁ ତା'ର ଉତ୍ତର ଦେବାକୁ ପଡ଼ିବ । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଯଦି କୌଣସି ଉତ୍ତର ପ୍ରାପ୍ତ ନହୁଏ ତେବେ ଆବେଦନପତ୍ରକୁ ଖାରଜ କରିଦିଆଯିବ । ଏପରି ସ୍ଥଳେ ସଂପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଠାରୁ ସ୍ୱୀକୃତି ସହ ସାନି ଆବେଦନପତ୍ର ଦାଖଲ କରିବାକୁ ପଡ଼ିବ।

ଗ) ଅନିୟମିତତା ସଂକ୍ରାନ୍ତୀୟ ପତ୍ର ଆରଏନଆଇ ୱେବସାଇଟ୍‌ରେ ଉପଲବ୍ଧ ରହିଛି । ଅନିୟମିତତା ସଂକ୍ରାନ୍ତୀୟ ପତ୍ର **ପ୍ରାପ୍ତ ହୋଇନଥିବାକୁ** ଏହାର **ଉତ୍ତର ଦେବାରେ ବିଳମ୍ବ ଘଟିବାର ଏକ କାରଣ ବୋଲି ବିବେଚନା କରାଯିବନାହିଁ ।**

ଘ) ପୂର୍ବରୁ ଅଧିକୃତ ଏକ ଟାଇଟଲକୁ ବାତିଲ କରାଗଲେ ତାହା ଉପରେ ଆଉ ଆବେଦନକାରୀଙ୍କର କୌଣସି ଦାବି ରହିବ ନାହିଁ । ପ୍ରଚଳିତ ଗାଇଡ଼ଲାଇନ ଏବଂ ନିୟମାବଳୀ

ଅନୁସାରେ ବାତିଲ କରାଯାଇଥିବା ଟାଇଟଲ ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଙ) ଥରେ ଗୋଟିଏ ଆବେଦନ ପତ୍ର ପ୍ରତ୍ୟାଖ୍ୟାନ ହୋଇଗଲେ, ଆବେଦନକାରୀଙ୍କୁ ଫରୱାର୍ଡ଼ିଂ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ସାନି ଆବେଦନ ପତ୍ର ଦାଖଲ କରିବାକୁ ପଡ଼ିବ । ଫରୱାର୍ଡ଼ିଂ କର୍ତ୍ତୃପକ୍ଷଙ୍କ ଠାରୁ ଉପଯୁକ୍ତ ସ୍ୱୀକୃତି ବିନା ଆରଏନଆଇ ଆବେଦନକାରୀଙ୍କ ଠାରୁ ସିଧାସଳଖ କୌଣସି ଟାଇଟଲ ଆବେଦନ ଗ୍ରହଣ କରିବେନାହିଁ ।

ଚ) ଯଦି ତାହା ପଞ୍ଜୀକୃତ ହୋଇନଥାଏ, ତେବେ ଲିଖିତ ଭାବେ କାରଣ ପ୍ରଦର୍ଶନପୂର୍ବକ, ଯାଞ୍ଚ ହୋଇଥିବା କୌଣସି ଟାଇଟଲକୁ ରଦ୍ଦ କରିବାର କ୍ଷମତା ପ୍ରେସ୍ ରେଜିଷ୍ଟ୍ରାରଙ୍କ ଠାରେ ନ୍ୟସ୍ତ ରହିଛି।

ଛ) କୌଣସି ପ୍ରକାର ବିଧିଗତ ବିଳମ୍ବ ଓ ପ୍ରତ୍ୟାଖ୍ୟାନକୁ ଏଡ଼ାଇବା ସକାଶେ ଟାଇଟଲ ଯାଞ୍ଚ ପାଇଁ ଆବେଦନ କରିବା ସମୟରେ ତତ୍‌ସଂକ୍ରାନ୍ତ ନିର୍ଦ୍ଦେଶାବଳୀକୁ ନିର୍ଦ୍ଦିଷ୍ଟ ଭାବେ ପାଳନ ପୂର୍ବକ ଆବେଦନ କରିବାକୁ ପରାମର୍ଶ ଦିଆଯାଇଛି ।

ଜ) ସମାନ କିମ୍ବା ଅନୁରୂପ କୌଣସି ପ୍ରକାର ସନ୍ଦେହ ପରିପ୍ରେକ୍ଷୀରେ, ପ୍ରେସ୍ ରେଜିଷ୍ଟ୍ରାରଙ୍କ ସିଦ୍ଧାନ୍ତକୁ ଚୂଡ଼ାନ୍ତ ବୋଲି ବିବେଚନା କରାଯିବ ।

ଝ) ଜଣେ ବ୍ୟକ୍ତିଙ୍କ ନାମରେ କୌଣସି ପତ୍ରିକା ପ୍ରକାଶନ ପାଇଁ ଆବେଦନପତ୍ରକୁ ଯାଞ୍ଚ କରାଯିବନାହିଁ । କୌଣସି ସଂସ୍ଥା/ ପ୍ରତିଷ୍ଠାନ/ ସୋସାଇଟି ଇତ୍ୟାଦିଙ୍କ ନାମରେ ପତ୍ରିକା ପ୍ରକାଶନ ପାଇଁ କରାଯାଇଥିବା ଆବେଦନ ପତ୍ରକୁ ହିଁ ଯାଞ୍ଚ କରାଯିବ । ସେପରି ସ୍ଥଳେ, ସେଭଳି ଅନୁଷ୍ଠାନ/ ସଂସ୍ଥା/ କମ୍ପାନୀଙ୍କ ନାମ ଟାଇଟଲ ପୂର୍ବରୁ ପ୍ରିଫିକ୍ସ ଭାବେ ଯୋଡ଼ାଯାଇପାରିବ ଯଦ୍ୱାରା ବିଭିନ୍ନ ପତ୍ରପତ୍ରିକା ଯାହାକି ସମାନ/ ଅନୁରୂପ ପ୍ରସଙ୍ଗ/ପ୍ରସଙ୍ଗମାନ ନାମରେ ପ୍ରକାଶ ପାଉଛି ତାହାକୁ ସ୍ପଷ୍ଟ ରୂପେ ପରସ୍ପର ଠାରୁ ପୃଥକ୍ କରାଯାଇପାରିବ ।

ଞ) ପଞ୍ଜୀକରଣ ପୂର୍ବରୁ ଯାଞ୍ଚ କରାଯାଇଥିବା ଟାଇଟଲକୁ ବାଜ୍ୟାପ୍ତ କରାଯାଇପାରିବ ଯଦି ସେହି ପ୍ରକାଶନର ବିଷୟବସ୍ତୁ ସମ୍ବାଦ ଓ ଜନ ସମ୍ବାଦ ଉପରେ ଟିପ୍ପଣୀ ବର୍ଗରେ ଆସୁନଥିବ ଅଥବା ଆବେଦନ କରାଯାଇଥିବା ସମୟରେ ଟାଇଟଲରେ ସୂଚୀତ ତଥ୍ୟ ଅନୁସାରେ ସେହି ପ୍ରକାଶନର ବିଷୟବସ୍ତୁ ସମାନ ହୋଇନଥିବ ।

ଟ) ଯଦି କୌଣସି ଏକ ସମ୍ବାଦପତ୍ର/ ପ୍ରକାଶନ ସରକାରଙ୍କ ଏକ ବିଭାଗ/ ସଂସ୍ଥା ଦ୍ୱାରା ପ୍ରକାଶ କରାଯିବାର ପ୍ରସ୍ତାବ ଥିବ, ସେଭଳି ଟାଇଟଲର ଯାଞ୍ଚ ଆବେଦନ ସଂପୃକ୍ତ ବିଭାଗର ମୁଖ୍ୟଙ୍କ ଦ୍ୱାରା କରାଯିବ ଏବଂ ସେହି ଟାଇଟଲ ତାଙ୍କ ନାମରେ ହିଁ ଯାଞ୍ଚ କରାଯିବ ।

(17) ପ୍ରତ୍ୟାଖ୍ୟାନୋକ୍ତି : କୌଣସି ପ୍ରସ୍ତାବିତ ସମ୍ବାଦପତ୍ର/ପତ୍ରିକାର ଟାଇଟଲ ଯାଞ୍ଚ କେବଳ ପିଆରବି ଆଇନ, ୧୮୬୭ ଅନୁସାରେ ସମ୍ବାଦପତ୍ର ରେଜିଷ୍ଟ୍ରାରଙ୍କ ନିକଟରେ ସେହି ସମ୍ବାଦପତ୍ରର ପଞ୍ଜୀକରଣ ନିମନ୍ତେ ଉଦ୍ଦିଷ୍ଟ । ଏହାର ଅର୍ଥ ନୁହେଁ ଯେ ଟାଇଟଲ ମଂଜୁରି ଏକ ଟ୍ରେଡ୍ ମାର୍କ/ ବ୍ରାଣ୍ଡ ନାମ, କମ୍ପାନୀ ନାମ ଭାବେ ବିବେଚିତ ହେବ ଏବଂ ଏଭଳି ଉଦ୍ଦେଶ୍ୟରେ ଆବେଦନକାରୀ ସଂପୃକ୍ତ ଅଧିକାରୀଙ୍କ ଠାରୁ ଟ୍ରେଡ଼ ମାର୍କ ଆଇନ, କମ୍ପାନୀ ଆଇନର ବ୍ୟବସ୍ଥା ଅନୁସାରେ ଆବଶ୍ୟକ ମଞ୍ଜୁରି ଲାଭ କରିଛନ୍ତି ବୋଲି ବିବେଚନା କରାଯିବନାହିଁ । ଏ ସଂକ୍ରାନ୍ତ ସମସ୍ତ ବିବାଦ ସଂପୃକ୍ତ ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦୀୟ ବିଷୟ ବୋଲି ବିବେଚନା କରାଯିବ ଏବଂ ଭାରତୀୟ ସମ୍ବାଦପତ୍ର ରେଜିଷ୍ଟ୍ରାର ଏଥିରେ କୌଣସି ମତେ ପକ୍ଷଭୁକ୍ତ ହେବେନାହିଁ ।

*********